# NATIONAL NEWS BULLETIN (ODIA)
## 13 June - 2025
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଅହମ୍ମଦାବାଦ ବିମାନ ଦୁର୍ଘଟଣାର ତଦନ୍ତ ପ୍ରକ୍ରିୟା ଜାରି ।

– ଦୁର୍ଘଟଣା ସ୍ଥଳୀରୁ ମିଳିଲା ବ୍ଲାକ୍ ବକ୍ସ ଓ ଡିଜିଟାଲ୍ ଫ୍ଲାଇଟ୍ ରେକର୍ଡର୍ ।

- ଜନକୈନ୍ଦ୍ରିକ ସହଯୋଗ ଉପରେ ପ୍ରାଧାନ୍ୟ ଦେଇ ସମ୍ପର୍କକୁ ପୁନରୁଦ୍ଧାର କରିବା ଲାଗି ଭାରତ ଓ ଚୀନ୍ ସହମତ ।

- ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହେବ ଯୋଗ ସମ୍ପର୍କିତ ଏକ ହାଇବ୍ରିଡ୍ ବିଶ୍ୱ ସମ୍ମିଳନୀ ।

- ଭାରତ-ମଙ୍ଗୋଲିଆ ଯୁଗ୍ମ ସାମରିକ ଅଭ୍ୟାସ ‘ନୋମାଡିକ୍ ଏଲିଫ୍ୟାଣ୍ଟ’ ଆଜି ସମାପ୍ତ ହେଲା ଉଲାନ୍‌ବାତାର୍ ଠାରେ ।

ଏବଂ

- ଏଫ୍.ଆଇ.ଏଚ୍. ମହିଳା ଜୁନିୟର୍ ହକି ବିଶ୍ୱକପ୍ ଆସନ୍ତା ଡିସେମ୍ବର ପହିଲାରୁ ଆରମ୍ଭ ହେବ ସାଣ୍ଟିଆଗୋରେ ।

# ପିଏମ୍-ଅହମ୍ମଦାବାଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅହମ୍ମଦାବାଦ ଗସ୍ତ କରି ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭେଟିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଦୁଃଖଦ ଘଟଣା ସମସ୍ତଙ୍କୁ ଗଭୀର ଆଘାତ ଦେଇଛି । ଯେଉଁଭଳି ଭାବରେ ଯାତ୍ରୀମାନଙ୍କର ହଠାତ୍ ଜୀବନହାନି ଘଟିଛି ତାହା ଶବ୍ଦରେ ପ୍ରକାଶ କରିବା ସମ୍ଭବ ନୁହେଁ । ମୃତକଙ୍କ ପରିବାର ପ୍ରତି ପ୍ରଧାନମନ୍ତ୍ରୀ ଗଭୀର ସମବେଦନା ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରର ପୀଡ଼ା ଓ ଦୁଃଖକୁ ସେ ବୁଝିପାରୁଛନ୍ତି ଏବଂ ସେମାନଙ୍କ ପାଇଁ ଏହି କ୍ଷତି ଅପୂରଣୀୟ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ପ୍ଲେନ୍ କ୍ରାସ୍

ଅନ୍ୟ ପକ୍ଷରେ ଅହମ୍ମଦାବାଦ ବିମାନ ଦୁର୍ଘଟଣା ସ୍ଥଳୀରୁ ବ୍ଲାକ୍ ବକ୍ସ ଉଦ୍ଧାର କରାଯାଇଛି ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ଗୁଜରାଟର ସନ୍ତ୍ରାସବାଦ ନିରୋଧି ସ୍କ୍ୱାଡ୍ ଘଟଣା ସ୍ଥଳୀରୁ ଏକ ଡିଜିଟାଲ୍ ଫ୍ଲାଇଟ୍ ଡାଟା ରେକର୍ଡର୍ ମଧ୍ୟ ଉଦ୍ଧାର କରିଛି । ଘଟଣା ସ୍ଥଳରେ ସୁରକ୍ଷା ଏଜେନ୍ସି ପକ୍ଷରୁ ତଲାସି ଓ ତଦନ୍ତ ପ୍ରକ୍ରିୟା ଜାରି ରହିଛି । ତଦନ୍ତର

ଅଗ୍ରଗତି ନିମନ୍ତେ ଫରେନ୍‌ସିକ୍ ବିଶେଷଜ୍ଞଙ୍କର ମଧ୍ୟ ସାହାଯ୍ୟ ନିଆଯାଇଥିବା ସୂଚନା ମିଳିଛି ।

ଦୁର୍ଘଟଣାର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଜଣାଯାଇ ନ ଥିଲେ ମଧ୍ୟ ଫରେନ୍‌ସିକ୍ ପରୀକ୍ଷା ଏବଂ ଆଧୁନିକ ବୈଷୟିକଜ୍ଞାନ ପରୀକ୍ଷା ରିପୋର୍ଟକୁ ଅପେକ୍ଷା କରାଯାଇଛି । ଏହି ଦୁର୍ଘଟଣା ସ୍ଥଳୀର ସଂଲଗ୍ନ ଅଞ୍ଚଳରୁ ଅନେକ ସ୍ଥାନୀୟ ବାସିନ୍ଦା ମଧ୍ୟ ନିଖୋଜ ଥିବା ଜଣାପଡ଼ିଛି । ସେମାନଙ୍କୁ ବର୍ତ୍ତମାନ ଖୋଜିବା ଲାଗି ପୁଲିସ୍ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି । ଏହି ଦୁର୍ଘଟଣାରେ ମୃତ ତଥା ଆହତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବହୁବିଧ ପଦକ୍ଷେପ ନିଆଯାଇଛି ।

ଏହି ଦୁର୍ଘଟଣାରେ ଆହତମାନଙ୍କୁ ସ୍ଥାନୀୟ ସିଭିଲ୍ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି । ଆହତ ବ୍ୟକ୍ତିଙ୍କୁ ବଞ୍ଚାଇବା ଲାଗି ଜନସାଧାରଣ ନିଜ ପକ୍ଷରୁ ରକ୍ତଦାନ ନିମନ୍ତେ ଆଗେଇ ଆସୁଥିବା ଜଣାଯାଇଛି । ଏହାଛଡ଼ା ଅହମ୍ମଦାବାଦ ସ୍ଥିତ ମିଲିଟାରୀ କ୍ୟାଣ୍ଟେନ୍‌ମେଣ୍ଟ ଠାରେ ମଧ୍ୟ ଭାରତୀୟ ସେନାବାହିନୀ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି ।

ଆମ ସମ୍ବାଦଦାତାଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ ଏହି ବିମାନ ଦୁର୍ଘଟଣାରେ ମୃତକଙ୍କ ମଧ୍ୟରୁ ୭ ଜଣଙ୍କ ପାର୍ଥିବ ଶରୀରକୁ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇ ସାରିଛି । ଇତିମଧ୍ୟରେ

ମୃତକଙ୍କୁ ଚିହ୍ନଟ କରିବା ଲାଗି ୨୦୦ରୁ ଊର୍ଦ୍ଧ୍ୱ ଡି.ଏନ୍.ଏ. ସାମ୍ପୁଲ୍ ସଂଗ୍ରହ କରାଯାଇ ସାରିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ଏହାଛଡ଼ା ସିଭିଲ୍ ହସ୍ପିଟାଲ୍ ଠାରେ ଆହତମାନଙ୍କର ଆଶୁ ଚିକିତ୍ସାକୁ ତ୍ୱରାନ୍ୱିତ କରାଯିବା ସହିତ ସେମାନଙ୍କର ପରିବାରବର୍ଗଙ୍କ ଲାଗି ପର୍ଯ୍ୟାପ୍ତ ସୁବିଧା ବ୍ୟବସ୍ଥା କରାଯାଇଛି । ଏ ସମ୍ପର୍କରେ ଆମ ସମ୍ବାଦଦାତାଙ୍କୁ ଅଧିକ ସୂଚନା ଦେଇ ହସ୍ପିଟାଲ୍ କର୍ତ୍ତୃପକ୍ଷ କହିଛନ୍ତି : **V/O-RAKESH-JOSHI-CIVIL-SUPR**

# ପିଏମ୍-ବିଜୟ ରୁପାନି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟୀ ରୁପାନିଙ୍କର ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ବିଜୟୀ ରୁପାନିଙ୍କ ସହିତ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରିବା ଦିଗରେ କାନ୍ଧରେ କାନ୍ଧ ମିଶାଇ କାର୍ଯ୍ୟ କରିଛନ୍ତି । ଏହି ଅବସରରେ ରୁପାନିଙ୍କର ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିବା ସହିତ ତାଙ୍କର ତ୍ୟାଗ ମନୋବୃତ୍ତି ତଥା ଜନସେବା ଲାଗି ସେ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ଉଲ୍ଲେଖ କରିଛନ୍ତି । ବିଜୟ ରୁପାନିଙ୍କର ରାଜକୋଟ୍ ପୌରନିଗମର

କାର୍ଯ୍ୟକାଳ ପରେ ରାଜ୍ୟସଭା ସାଂସଦ, ଗୁଜରାଟର ରାଜ୍ୟ ବିଜେପି ସଭାପତି ଏବଂ ରାଜ୍ୟର କ୍ୟାବିନେଟ୍ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟକାଳକୁ ଶ୍ରୀ ମୋଦୀ ସ୍ମରଣ କରିଛନ୍ତି । ବିଜେପିର ଚିନ୍ତାଧାରା ପ୍ରତି ତାଙ୍କର ପ୍ରତିବଦ୍ଧତା ଏବଂ କର୍ତ୍ତବ୍ୟ ନିଷ୍ଠା ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

## ଡିଜିସିଏ-ଏଆର୍ ଇଣ୍ଡିଆ

ଜେନେକ୍ସ ଇଞ୍ଜିନ୍‌ର ସୁବିଧା ଉପଲବ୍ଧ ଥିବା ଏୟାର୍ ଇଣ୍ଡିଆର ବୋଇଂ-୭୮୭, ୭୮୮ ଓ ୭୮୯ ବିମାନ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିବା ଲାଗି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକ – ଡି.ଜି.ସି.ଏ. ଏୟାର୍ ଇଣ୍ଡିଆ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରିପ୍ରେକ୍ଷୀରେ ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟ ସହିତ ସମନ୍ୱୟ ରକ୍ଷା କରି ତୁରନ୍ତ ଏହି ତଦନ୍ତ ପ୍ରକ୍ରିୟା ସମ୍ପନ୍ନ କରିବାକୁ ଡି.ଜି.ସି.ଏ. ପକ୍ଷରୁ କୁହାଯାଇଛି । ଏ ସମ୍ପର୍କରେ ଜାରି କରାଯାଇଥିବା ଏକ ବିବୃତ୍ତିରେ ଇନ୍ଧନ ମାନଦଣ୍ଡର ନିରିକ୍ଷଣ, ଇଲେକ୍ଟ୍ରୋନିକ୍ ଇଞ୍ଜିନ୍ ନିୟନ୍ତ୍ରଣ ବ୍ୟବସ୍ଥାର ପରୀକ୍ଷା ଓ ଇଞ୍ଜିନ୍ ଇନ୍ଧନ ଅପରେସନାଲ୍ ପରୀକ୍ଷା ସମେତ ଅନ୍ୟାନ୍ୟ ମାନଦଣ୍ଡ ଗୁଡ଼ିକୁ ବିମାନ

ଉଡ଼ାଣର ଯଥେଷ୍ଟ ପୂର୍ବରୁ ଉପଯୁକ୍ତ ଯାଞ୍ଚ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି ।

## ବିକ୍ରମ ମିଶ୍ରି-ଚୀନ୍

ଜନକୈନ୍ଦ୍ରିକ ସହଯୋଗ ଉପରେ ପ୍ରାଧାନ୍ୟ ଦେଇ ସମ୍ପର୍କକୁ ପୁନରୁଦ୍ଧାର କରିବା ଲାଗି ଭାରତ ଓ ଚୀନ୍ ସହମତ ହୋଇଛନ୍ତି । ଚୀନ୍‌ର ଉପବୈଦେଶିକ ମନ୍ତ୍ରୀ ସନ୍ ୱିଡଙ୍ଗ୍‌ଙ୍କର  ଦୁଇଦିନିଆ ଭାରତ ଗସ୍ତ ଅବସରରେ ଆଜି ନୂଆଦିଲ୍ଲୀଠାରେ ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ ସହିତ ସାକ୍ଷାତ ଆଲୋଚନା ସମୟରେ ଏହି ମତ ପ୍ରକାଶ ପାଇଛି ।

ବେଜିଂ ଠାରେ ଗତ ଜାନୁଆରୀ ମାସରେ ଅନୁଷ୍ଠିତ ବୈଠକ ପରଠାରୁ ଦ୍ୱିପକ୍ଷିୟ ସମ୍ପର୍କର ଅଗ୍ରଗତି ଉପରେ ସମୀକ୍ଷା କରାଯିବା ସହିତ ସୀମା ଅଞ୍ଚଳରେ ସ୍ଥିରତା ବଜାୟ ରଖିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ  ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ତଥା ଦୁଇ ଦେଶ ମଧ୍ୟରେ ସିଧାସଳଖ ବାୟୁ ସେବା ଆରମ୍ଭ କରିବା ଦିଗରେ ବିବିଧ ପଦକ୍ଷେପ ନେବାକୁ ଭାରତ ଓ ଚୀନ୍ ସମ୍ମତି ପ୍ରଦାନ କରିଛନ୍ତି । ଏଥିଲାଗି ବାୟୁସେବା ଚୁକ୍ତିନାମା ଖୁବ୍ ଶୀଘ୍ର ସ୍ୱାକ୍ଷରିତ ହେବ ବୋଲି ଶ୍ରୀ ମିଶ୍ରି ଆଶାବ୍ୟକ୍ତ କରିଛନ୍ତି । ଏତଦ୍‌ବ୍ୟତୀତ ଦୁଇ ଦେଶ

ମଧ୍ୟରେ ଭିସା ସୁବିଧାକୁ ଅଧିକ ସୁସଂହତ କରିବା ଲାଗି ଆବଶ୍ୟକ ପଦକ୍ଷେପ ନେବା ଉପରେ ସହମତି ପ୍ରକାଶ ପାଇଛି ।

ଚଳିତ ବର୍ଷ କୈଳାଶ ମାନସରୋବର ଯାତ୍ରା ଅନୁଷ୍ଠିତ କରାଇବା ଦିଗରେ ଚୀନ୍ ପକ୍ଷରୁ କରାଯାଇଥିବା ସହଯୋଗ ଲାଗି ବୈଦେଶିକ ସଚିବ ଶ୍ରୀ ମିଶ୍ରି ପ୍ରଶଂସା କରିଛନ୍ତି । ସେହିଭଳି ଭାରତ ଓ ଚୀନ୍ ମଧ୍ୟରେ ୭୫ ବର୍ଷର କୂଟନୈତିକ ସମ୍ପର୍କ ପୂର୍ତ୍ତି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ଉପରେ ଉଭୟ ଶ୍ରୀ ମିଶ୍ରି ଓ ଶ୍ରୀ ଓ୍ୱିଡଙ୍ଗ୍ ଗୁରୁତ୍ୱାରୋପ କରିଛନ୍ତି । ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ସମସ୍ୟାର ସମାଧାନ ତଥା ଅର୍ଥନୈତିକ ଓ ବାଣିଜ୍ୟ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ନିମନ୍ତେ ଆଲୋଚନା କରିବା ଲାଗି ମଧ୍ୟ ସମ୍ମତି ପ୍ରକାଶ ପାଇଛି ।

## ଆୟୁଷ-ଯୋଗ

ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ନୂଆଦିଲ୍ଲୀଠାରେ ଯୋଗ ସମ୍ପର୍କିତ ଏକ ହାଇବ୍ରିଡ୍ ବିଶ୍ୱ ସମ୍ମିଳନୀ ଅନୁଷ୍ଠିତ ହେବ । ଏହାର ବିଷୟବସ୍ତୁ ରହିଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ' । ଏକାଦଶ ଆନ୍ତର୍ଜାତିକ ଯୋଗଦିବସ ଅବସରରେ ଏହି ସମ୍ମିଳନୀ ଆୟୋଜନ କରାଯାଉଛି । ଏଥିରେ ବିଶ୍ୱବ୍ୟାପି ବିଭିନ୍ନ ଅଗ୍ରଣୀ ଆନ୍ତର୍ଜାତିକ ଯୋଗ ପ୍ରତିଷ୍ଠାନ ଓ ସମ୍ପ୍ରଦାୟର ଏକ ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିବେ ।

ବାହାରିନ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍ ଏବଂ ଦକ୍ଷିଣ କୋରିଆ ସମେତ ଅନ୍ୟାନ୍ୟ ଦେଶର ଯୋଗ ବିଶେଷଜ୍ଞ ମଧ୍ୟ ଏହି ସମ୍ମିଳନୀରେ ସାମିଲ ହେବେ । ଯୋଗର ଉପକାରିତାକୁ ବିଶ୍ୱ ବ୍ୟାପି ଅଧିକ ପ୍ରଚାର ଓ ପ୍ରସାର କରିବା ଦିଗରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ କହିଛନ୍ତି, **V/O- PRATAPRAO-JADHAV**

## ସମରାଭ୍ୟାସ

ଭାରତ-ମଙ୍ଗୋଲିଆ ଯୁଗ୍ମ ସାମରିକ ଅଭ୍ୟାସ 'ନୋମାଡିକ୍ ଏଲିଫ୍ୟାଣ୍ଟ' ଆଜି ମଙ୍ଗୋଲିଆର ଉଲାନ୍‌ବାତାର୍‌ଠାରେ ସମାପ୍ତ ହୋଇଛି । ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଏହି ସାମରିକ ଅଭ୍ୟାସ ସମୟରେ ଭାରତୀୟ ସେନାର ପେଶାଦାରୀ ମନୋବୃତ୍ତି, ନିସ୍ୱାର୍ଥପର ସେବା ଏବଂ ଆଚରଣକୁ ପ୍ରଶଂସା କରିଛନ୍ତି । ଭାରତ-ମଙ୍ଗୋଲିଆ ମଧ୍ୟରେ ଥିବା ଏକ ସଶକ୍ତ ବନ୍ଧୁତ୍ୱ, ଆପୋଷ ବିଶ୍ୱାସ ତଥା ସାଂସ୍କୃତିକ ବନ୍ଧନ ଏହି ଅଭ୍ୟାସ ମାଧ୍ୟମରେ ପ୍ରତିଫଳିତ ହୋଇଛି ବୋଲି ସେ କହିଛନ୍ତି । ଭାରତୀୟ ପଦାତିକ ବାହିନୀ ଓ ଅରୁଣାଚଳ ସ୍କାଉଟ୍‌ସର ୪୫ ଜଣ ଯବାନ ଏହି ଦୁଇ ସପ୍ତାହ ଧରି ଚାଲିଥିବା ସମରାଭ୍ୟାସରେ ଅଂଶଗ୍ରହଣ କରିଛନ୍ତି । ମିଳିତ

ଜାତିସଂଘର  ସର୍ତ୍ତ ଅନୁଯାୟୀ ପାର୍ବତ୍ୟାଞ୍ଚଳ ସମେତ ଅନ୍ୟାନ୍ୟ ଦୁର୍ଗମ ଅଞ୍ଚଳରେ ଏକ ମିଳିତ ଟାସ୍କଫୋର୍ସ୍ ଭାବେ କାର୍ଯ୍ୟ କରିବା ଲାଗି ଦୁଇ ଦେଶର ସେନା ପକ୍ଷରୁ ସମ୍ପନ୍ନ କରାଯାଇଥିବା ଏହି ସମାରାଭ୍ୟାସରେ ଗୁରୁତ୍ୱ ଦିଆଯାଇଛି ।

## ଫୋରେକ୍ସ ରିଜର୍ଭସ୍

ଭାରତର ବୈଦେଶିକ ବିନିମୟ ମୁଦ୍ରା ପରିମାଣ ଗତ ୬ ତାରିଖରେ ସମାପ୍ତ ହୋଇଥିବା ସପ୍ତାହ ଶେଷ ସୁଦ୍ଧା ୫ ଦଶମିକ୍ ୧/୭ ବିଲିୟନ୍‌ରୁ ଊର୍ଦ୍ଧ୍ୱ ଡଲାର୍ ବୃଦ୍ଧି ପାଇଛି । ଏହି ପରିମାଣ ବର୍ତ୍ତମାନ ୬୯୬ ଦଶମିକ୍ ୬ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ଜାରି କରାଯାଇଥିବା ସାପ୍ତାହିକୀ ଷ୍ଟାଟିଷ୍ଟିକାଲ୍ ସପ୍ଲିମେଣ୍ଟରେ ସୂଚନା ଦିଆଯାଇଛି । ଏହି ଅବଧି ମଧ୍ୟରେ ବୈଦେଶିକ ମୁଦ୍ରା ୩ ଦଶମିକ୍ ୪ ବିଲିୟନ୍ ଡଲାର୍ ଏବଂ ଗଚ୍ଛିତ ସ୍ୱର୍ଣ୍ଣ ପରିମାଣ ୧ ଦଶମିକ୍ ୫ ବିଲିୟନ୍ ଡଲାର୍ ବୃଦ୍ଧି ପାଇଛି ବୋଲି ଆର୍.ବି.ଆଇ. ପକ୍ଷରୁ କୁହାଯାଇଛି ।

# ହକି

ଏଫ୍.ଆଇ.ଏଚ୍. ମହିଳା ଜୁନିୟର୍ ହକି ବିଶ୍ୱକପ୍ ଆସନ୍ତା ଡିସେମ୍ବର ୧ ତାରିଖରୁ ଚିଲିର ସାଣ୍ଟିଆଗୋରେ ଆରମ୍ଭ ହେବ । ଭାରତ ଏହି ବିଶ୍ୱକପ୍‌ର ପୁଲ୍-ସି’ରେ ଜର୍ମାନ୍, ଆୟର୍‌ଲାଣ୍ଡ ଓ ନାମିବିଆ ସହିତ ସ୍ଥାନ ପାଇଛି ।  ଏହି ବିଶ୍ୱକପ୍‌ରେ ମୋଟ୍ ୨୪ଟି ଦଳ ୬ଟି ପୁଲ୍‌ରେ ବିଭକ୍ତ ହୋଇ ଅଂଶଗ୍ରହଣ କରୁଛନ୍ତି । ଏହି ଦ୍ୱିବାର୍ଷିକ ହକି ବିଶ୍ୱକପ୍ ଡିସେମ୍ବର ୧୩ ତାରିଖରେ ସମାପ୍ତ ହେବ ବୋଲି ଆନ୍ତର୍ଜାତିକ ହକି ଫେଡେରେସନ୍ ପକ୍ଷରୁ ସୂଚନା ଦିଆଯାଇଛି । ଏହି ବିଶ୍ୱକପ୍‌ର ଶେଷ ସଂସ୍କରଣ ୨୦୨୩ ମସିହାରେ ସାଣ୍ଟିଆଗୋଠାରେ ଅନୁଷ୍ଠିତ ହୋଇଥିଲା ।